# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 January - 2025**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ଦେଶ ଆଜି ପାଳନ କରୁଛି ୭୬ତମ ସାଧାରଣତନ୍ତ୍ର ଦିବସ

— ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଜାତୀୟ ପତାକା ଉତ୍ତୋଳନ କଲେ ରାଷ୍ଟ୍ରପତି

- ସାଧାରଣତନ୍ତ୍ର ଦିବସରେ ଆମନ୍ତ୍ରିତ ସ୍ୱତନ୍ତ୍ର ଅତିଥିବୃନ୍ଦଙ୍କ ସହ ନୂଆଦିଲ୍ଲୀର ଆକାଶବାଣୀ ଭବନରେ ଭାବ ବିନିମୟ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

- ସମୃଦ୍ଧ ଓ ବିକଶିତ ଓଡ଼ିଶା ନିର୍ମାଣ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

- ବାଙ୍କୀ ଛାତ୍ରମୃତ୍ୟୁ ଘଟଣାରେ ୫ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କଲେ ରାଜ୍ୟ ସରକାର

ଏବଂ

- ହକି ଇଣ୍ଡିଆ ଲିଗ୍‌ର ଟାଇଟଲ୍ ହାସଲ ପାଇଁ ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ୍ ଏବଂ ସୁରମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଜାରି

## ରିପବ୍ଲିକ ଡେ-ରାଷ୍ଟ୍ରପତି

ଦେଶ ଆଜି ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି । ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୋ ମୁଖ୍ୟ ଅତିଥିଭାବେ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେଇଥିଲେ। ସମ୍ବିଧାନ ପ୍ରଣୟନରେ ୭୫ ବର୍ଷ ପୂର୍ତ୍ତି ତଥା ଜନଭାଗିଦାରିତାର ନିଦର୍ଶନ ସ୍ୱରୂପ ଆଜି ସ୍ଥଳସେନା, ବାୟୁସେନା, ନୌସେନା, ଅର୍ଦ୍ଧ ସାମରିକ ବାହିନୀ, ଏନ.ସି.ସି. ଏବଂ ଏନ.ଏସ.ଏସ. ତଥା ବିଭିନ୍ନ ବର୍ଗର ସାମରିକ, ପୁଲିସ ବାହିନୀ ପକ୍ଷରୁ ସମ୍ମିଳିତ ପରେଡ ପ୍ରଦର୍ଶନ କରାଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ୧୦ ହଜାରରୁ ଅଧିକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ଯୋଗ ଦେଇଥିଲେ।

## ସ୍ୱତନ୍ତ୍ର ଅତିଥିବୃନ୍ଦଙ୍କ ସହ ଆଲୋଚନା

ନୂଆଦିଲ୍ଲୀଠାରେ ଆୟୋଜିତ ୭୬ତମ ସାଧାରଣତନ୍ତ୍ର ଦିବସରେ ଯୋଗ ଦେଇଥିବା ସ୍ୱତନ୍ତ୍ର ଅତିଥିବୃନ୍ଦଙ୍କ ସହ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋଚନା କରିଛନ୍ତି। ଆକାଶବାଣୀ ଭବନଠାରେ ସ୍ୱତନ୍ତ୍ର ଅତିଥିମାନଙ୍କ ସହ ଭାବ ବିନିମୟ କରି ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବିଶିଷ୍ଟ ଅତିଥିମାନଙ୍କର ସମାଜ ପ୍ରତି ଅବଦାନ ସମ୍ପର୍କରେ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉପସ୍ଥାପନ କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ସମାଜ ପ୍ରତି ଅଭୂତପୂର୍ବ ଯୋଗଦାନକୁ ଏହି କାର୍ଯ୍ୟକ୍ରମରେ ଉଲ୍ଲେଖ କରିଥିବା ସେ ସୂଚନା ଦେଇଛନ୍ତି।

# ରିପବ୍ଲିକ ଡେ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ମହାତ୍ମା ଗାନ୍ଧିମାର୍ଗରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୬ଟି ବେସାମରିକ ଦଳ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ଏହି ଅବସରରେ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମୃଦ୍ଧ ଓଡ଼ିଶାର ଐତିହ୍ୟ ଏବଂ ବିକାଶ ବାର୍ତ୍ତା ବହନ କରୁଥିବା ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କଟକର ବିଡାନାସୀ ମିନି-ଷ୍ଟାଡିୟମ୍‌ଠାରେ ଜାତୀୟ ପତାକା ଉତ୍ତୋଳନ କରି ଦେଶପାଇଁ ଜୀବନ ଉତ୍ସର୍ଗ କରିଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦେଶର ଗଣତନ୍ତ୍ର ବଜାୟ ରଖିବାରେ କୋଟି କୋଟି ଜନତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମାଝୀ କହିଛନ୍ତି। ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମୃଦ୍ଧ ଓ ବିକଶିତ ଓଡ଼ିଶା ନିର୍ମାଣରେ ଜନସାଧାରଣ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି...

# - V/O -

କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ଆଜି ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଶିବିର ଜରୁରୀକାଳିନ ପରିସ୍ଥିତିରେ ସମାଜ କଲ୍ୟାଣ ସହ ରୋଗୀଙ୍କୁ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୁଲିସ୍ ସେବା ପଦକ

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସାହସିକତା ଓ ସେବା ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ପୁଲିସ୍ ସେବାର ୨ ଜଣ ଅଧିକାରୀଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ୧୪ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍‌ପାଟି ସମ୍ମାନଜନକ ପୁଲିସ୍ ପଦକ ପ୍ରଦାନ କରିଛନ୍ତି। ୨୦୨୪ ମସିହା ପାଇଁ ଉଲ୍ଲେଖନୀୟ ସେବା ଯୋଗଦାନ ହେତୁ ୧୮ ଜଣ ପୁଲିସ୍ ଅଧିକାରୀଙ୍କୁ ରାଜ୍ୟପାଳ ପଦକରେ ସେ ସମ୍ମାନୀତ କରିଛନ୍ତି।

ବିଭିନ୍ନ ରାଜ୍ୟର ପୁଲିସ୍, ଅଗ୍ନିଶମବାହିନୀ, ହୋମ୍‌ଗାର୍ଡ, ସିଭିଲ୍ ଡିଫେନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ ସାହସିକତା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ।

## ସାଧାରଣତନ୍ତ୍ର ଦିବସ-ଜିଲ୍ଲା-୨

ରାଜ୍ୟର ବିଭିନ୍ନ ସ୍ଥାନରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

**ନୟାଗଡ଼**ରେ ପୁଲିସ୍ ଟ୍ରେନିଂ ସ୍କୁଲ ପଡିଆରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ଶିଳ୍ପ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଭାରତର ମୁକ୍ତି ଆନ୍ଦୋଳନରେ ନୟାଗଡ଼ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ମହାନ୍ତି, ଦିବାକର ପରିଡା, ଅର୍ଜୁନ ରାଉତ, କଷ୍ଟି ଡାକୁଆଙ୍କ ଅବଦାନକୁ ମନ୍ତ୍ରୀ ସ୍ମରଣ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ପୁଲିସ୍ ଗୃହରକ୍ଷୀ ଏବଂ ବିଭିନ୍ନ ସ୍କୁଲ ଓ କଲେଜର ୫୧ଟି ଗ୍ରୁପ୍ ପରେଡ୍‌ରେ ଭାଗ ନେଇଥିଲେ। ଏହା ସହ ୭ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା।

**ଗଜପତି** ଜିଲ୍ଲାର ପାରଳାଖେମୁଣ୍ଡିଠାରେ ଜିଲ୍ଲାପାଳ ବିଜୟ କୁମାର ଦାସ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଗଣତନ୍ତ୍ରର ମୂଲ୍ୟବୋଧ ତଥା ଆମ ସମ୍ବିଧାନର ମୌଳିକ ନୀତିର ପ୍ରତିପାଳନ ନିମନ୍ତେ ଏହି ଦିବସ ପାଳନର ଅନେକ ମହତ୍ତ୍ୱ ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୨୬ଟି କଣ୍ଟିଜେଣ୍ଟ ସମ୍ମିଳିତ ପରେଡ୍‌ରେ ଭାଗ ନେଇଥିଲେ।

**ବରଗଡ଼** ପଞ୍ଚାୟତ ମହାବିଦ୍ୟାଳୟ ପଡିଆରେ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ଅବସରରେ ଜିଲ୍ଲାପାଳ ଆଦିତ୍ୟ କୁମାର ଗୋଏଲ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଛନ୍ତି।  ବରଗଡ଼ ଜିଲ୍ଲାର ସ୍ୱାଧୀନତା

ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଏବଂ ଆଦର୍ଶକୁ ସେ ଏହି ଅବସରରେ ସ୍ମରଣ କରିଥିଲେ।

**ନୂଆପଡା** ଜିଲ୍ଲା ଖଡିଆଳ ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଧାୟକ ଅଧିରାଜ ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ସେ ପରେଡ ଅଭିବାଦନ ଗ୍ରହଣ ସହ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

**କନ୍ଧମାଳ** ଜିଲ୍ଲାରେ ଜିଲ୍ଲାପାଳ ଅମୃତ ଋତୁରାଜ ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ।

## ଛାତ୍ରମୃତ୍ୟୁ

କଟକ ଜିଲ୍ଲା ବାଙ୍କୀ ମାଳବିହାରପୁରଠାରେ ପିକ୍‌ଅପ୍ ଭ୍ୟାନ୍ ଓଲଟି ଛାତ୍ରମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଜିଲ୍ଲାସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସମ୍ପୃକ୍ତ ମାଳବିହାରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କର୍ତ୍ତବ୍ୟରେ ଅବହେଳା  ଅଭିଯୋଗରେ ନିଲମ୍ବନ କରାଯାଇଛି। ମୃତ ଛାତ୍ରଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଏବଂ ଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ୨ ଲକ୍ଷ ଟଙ୍କା ସହାୟତା ଦେବାକୁ ଘୋଷଣା କରାଯାଇଛି।

ସୂଚନା ଅନୁସାରେ, ଆଜି ସକାଳେ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗ ଦେବା ପାଇଁ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ

ମାଲବିହାରପୁର ସ୍କୁଲରୁ ସରଣ୍ଡା ପରେଡ୍ ଗ୍ରାଉଣ୍ଡକୁ ନିଆଯାଉଥିଲା । ରାସ୍ତାରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ପ୍ରାୟ ୨୫ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ବିଭାଗୀୟ ସଚିବ ହସ୍‌ପିଟାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଆହତଙ୍କ ଚିକିତ୍ସା ପାଇଁ ବିଭାଗ ପକ୍ଷରୁ ୩୦ ହଜାର ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଛି ।

## ପଦ୍ମଶ୍ରୀ ପୁରସ୍କାର

ଚଳିତବର୍ଷ ୧୩୯ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯିବ । ଏଥିରେ ୭ଜଣଙ୍କୁ ପଦ୍ମ ବିଭୂଷଣ, ୧୯ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ଉପାଧି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିବେ ।

ଓଡିଶାରୁ ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର, ଉତ୍କୃଷ୍ଟ କଳା ପାଇଁ ଭାସ୍କର୍ଯ୍ୟଶିଳ୍ପୀ ଅଦ୍ୱୈତ ଚରଣ ଗଡନାୟକ, ଓଡିଶୀ ନୃତ୍ୟର ଉତ୍କର୍ଷତା ପାଇଁ ଦୁର୍ଗାଚରଣ ରଣବୀର ଏବଂ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡକ୍ଟର ପ୍ରତିଭା ଶତପଥୀଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ ।

## ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ

'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ ଆସନ୍ତା ୨୮ ଓ ୨୯ ତାରିଖରେ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଶିଳ୍ପମନ୍ତ୍ରୀ ସମ୍ପଦ

ଚନ୍ଦ୍ର ସ୍ୱାଇଁ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଆଗାମୀ ଦିନରେ 'ଭାରତ ମାନଚିତ୍ରରେ ଓଡ଼ିଶା' ଶିଳ୍ପ ପେଣ୍ଠସ୍ଥଳି ହେବ। ଏହି ସମ୍ମିଳନୀ ଦ୍ୱାରା ରାଜ୍ୟରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ରଖାଯାଇଛି।

ଦେଶ ଓ ବିଦେଶର ବିଭିନ୍ନ ଶିଳ୍ପସଂସ୍ଥାର ୭ ହଜାର ୫୦୦ ରୁ ଅଧିକ ଶିଳ୍ପ ପ୍ରତିନିଧି, ନିବେଶକ ସମ୍ମିଳନୀରେ ଯୋଗଦେବେ। ସମ୍ମିଳନୀରେ ୩ଟି ବିଷୟଗତ ଅଧିବେଶନରେ ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା, ମହିଳା ଉଦ୍ୟୋଗୀଙ୍କ ବିଷୟରେ ଆଲୋଚନା କରାଯିବ। ଦୁଇଦିନିଆ ସମ୍ମିଳନୀ ପରେ ସାଧାରଣ ଜନତାଙ୍କ ପାଇଁ ୩୦ ତାରିଖ ଦିନ ପ୍ରଦର୍ଶନୀ ଖୋଲା ରହିବ ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ଭିଏସ୍ଏସ୍ କୋଠାର ଉଦ୍‌ଘାଟନ

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସୁବର୍ଣ୍ଣପୁର ଜିଲ୍ଲା କଳାପଥର ଗ୍ରାମପଞ୍ଚାୟତର ବାବୁପାଲ୍ଲୀ ଓ ମଧୁପୁରରେ ୨ଟି ଭିଏସ୍ଏସ୍ କୋଠାର ଉଦ୍‌ଘାଟନ କରିଛନ୍ତି। ଏହାସହ ୬ଟି ବ୍ଲକ୍‌ର ୯୩ଟି ନୂତନ ଅମୃତ ସରୋବର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶ୍ରୀ ନାୟକ ଆଜି ଜିଲ୍ଲାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

## ନବନିର୍ମିତ କୋଠା ଉଦ୍‌ଘାଟନ

**ରାୟଗଡ଼ା** ଜିଲ୍ଲାରେ କର୍କଟ ଚିକିତ୍ସା ନିମନ୍ତେ ଆବଶ୍ୟକ କେମୋ ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନବନିର୍ମିତ କୋଠା ଉଦ୍‌ଘାଟନ କରିବା ଅବସରରେ ସେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଆଜି ରାୟଗଡା ଗସ୍ତରେ ଆସି କୋଲନରାଠାରେ ନୂତନ ଚିକିତ୍ସାଳୟ ରାୟଗଡା ଜିଲ୍ଲା ଇ-ଅଫିସ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚି ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ମହିଳା ବର୍ଗରେ ଟାଇଟଲ ହାସଲ ପାଇଁ ଓଡ଼ିଶା ୱାରିୟର୍ସ ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ମ୍ୟାଚ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଓଡିଶା ୱାରିୟର୍ସ ଗୋଟିଏ ଗୋଲ୍ ସ୍କୋର କରିଛି।

******************************